# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀରେ ପଦଯାତ୍ରା




ଅନୁଗୋଳ ୨୦।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ପ୍ରଶାସନ ତରଫରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକ କାର୍ଯକ୍ରମରେ ପଦଯାତ୍ରା ପାଳିତ ହେଇଯାଇଛି। କାର୍ଯକ୍ରମରେ ଅନୁଗୋଳ ଜିଲାର ଉପଜିଲାପାଳ ମାୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଗୋଳ ସରକାରୀ କଲେଜର ଛାତ୍ରୀଛାତ୍ର, ମେରା ୟୁଭା ଭାରତର ୟୁଥ କ୍ଲବ ମେମ୍ବର, ଖେଳାଳିମାନେ ପଦଯାତ୍ରା ଭାଗ ନେଇଥିଲେ।. ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମରୁ ୩ କିଲୋମିଟର ପଦଯାତ୍ରା କରାଯାଇଥିଲା। ଏହି ଅବସରରେ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ ସମସ୍ତମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସମୀକ୍ଷା

ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଥିବା ଗୁମୁଖୀନାଳ ଉପରେ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଶନିବାର ମାନଯୋର ଜଳସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ ସମୀକ୍ଷା କରାଯାଇଛି। ସୂଚନା ଅନୁଯାୟୀ, ନିକଟସ୍ଥ ପାହାଡ଼ରୁ ବହି ଆସୁଥିବା ପାଣିକୁ ଗୁମୁଖୀନାଳଠାରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଚାଷ ଜମିକୁ ପାଣି ଛାଡିବା ପାଇଁ ପୂର୍ବରୁ ବହୁବାର ସରକାରଙ୍କୁ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। କିଛିମାସ ତଳେ ବଇଣ୍ଡା ଭାଜପା ନେତା ଅରବିନ୍ଦ ସାହୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାନଯୋର ଜଳସେଚନ ପ୍ରକଳ୍ପ ଅଧିକାରୀ ସୌଦାମିନୀ ବାଙ୍କୀର ଗୁମୁଖୀନାଳକୁ ଆସି ଦେଖିବା ସହ ପ୍ରକଳ୍ପ ନିର୍ମାଣ ଉପରେ ସମୀକ୍ଷା କରିଛନ୍ତି। ଉକ୍ତ ନାଳ ଉପରେ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ନୁନୁକାପଶି, ଲୁହାମୁଣ୍ଡା, ଗାଁ ବଇଣ୍ଡା, ଆଠମଲ୍ଲିକ ବ୍ଲକର ପେଡ଼ିପଥର ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷଜମିକୁ କେନାଲ ଜରିଆରେ ପାଣି ମଡ଼ାଯିବ। ଫଳରେ ଅଞ୍ଚଳରେ କୃଷିର ବିକାଶ ହେବ। ଏଥିରେ ଭାଜପା ନେତା ଅରବିନ୍ଦ, ପ୍ରଦୀପ ପ୍ରଧାନ, ରାଜା ପ୍ରଧାନ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦିନ ଦ୍ୱିପ୍ରହରେ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

ଛେଣ୍ଡିପଦା,୨୦।୧୨(ଅଜିତ୍ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ବାଗଡ଼ିଆ ମାରୁୱାଡି ଧର୍ମଶାଳାରୁ ଘରେ କେହି ନ ଥିବାବେଳେ ଶନିବାର ଦିନ ଦ୍ୱିପହରେ ଘରର ତାଲା ଓ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, କଲିକତା ମେଦିନପୁର ଓ ମାଳଡ଼ା ଅଞ୍ଚଳର ବଙ୍ଗୀୟ ବ୍ୟବସାୟୀ ପ୍ରାୟ ଅଠର ବର୍ଷରୁ ଉର୍ଦ୍ଧ୍ୱ ହେବ ବାଗଡ଼ିଆ ମାରୁୱାଡି ଧର୍ମଶାଳାରେ ଭଡାନେଇ କମଳ, ବେଡ୍‌ସିଟ୍ ଆଦି ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିଲେ। ସବୁଦିନ ପରି ଉକ୍ତ ବ୍ୟବସାୟୀ ବେପାର ପାଇଁ ଯାଇ ଫେରିଲାବେଳକୁ ରହୁଥିବା ୩ଟି ଭଡ଼ା ଘରର ତାଲା ଓ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଉକ୍ତ ବଙ୍ଗୀୟ ବ୍ୟବସାୟୀ ଏସ୍‌କେ ଜାହାଙ୍ଗୀରଙ୍କ ୮୦ହଜାର, ଏସ୍‌କେ ୟାଲୁଲଙ୍କ ୮ହଜାର, ଲତିଫୁଲ ସେକ୍‌ଙ୍କର ୧୧ହଜାର ଓ ମହମଦ ଇସ୍ମାଇଲ ସେକ୍‌ଙ୍କର ୨୦ହଜାର ୨୦୦ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ୪ ବ୍ୟବସାୟୀ ମହାଜନଙ୍କୁ ଦେବା ପାଇଁ ରଖିଥିବା ଟଙ୍କା ଲୁଟ୍ ହୋଇଥିଲା । ଏନେଇ ଉକ୍ତ ବ୍ୟବସାୟୀ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପରେ ବାଗଡ଼ିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# କଂଗ୍ରେସର କୁଶପୁତ୍ତଳିକା ଦାହ

ଅନୁଗୋଳ,୨୦।୧୨(ଦିବ୍ୟଶାନ୍ତନୁ ନାଥ)

ନ୍ୟାଶନାଲ ହେରାଲ୍ଡ ମିଛ ମାମଲାରେ କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ମାନସିକ ନିର୍ଯାତନା ଭାଜପା ସରକାର ଦେଇ ଆସୁଥିବା ପ୍ରତିବାଦରେ ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କ କୁଶ ପୁତ୍ତଳିକା ଦାହ କରିଛି ଅନୁଗୋଳ ଜିଲା କଂଗ୍ରେସ। କଂଗ୍ରେସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜିଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିସୂଚନା ଓ ଲୋକସମ୍ପର୍କ ପୂର୍ବତନ କାର୍ଯାଳୟ ପାଖ ଛକ ଜାତୀୟ ରାଜପଥ ଉପରେ ଭାରତର ପ୍ରଧାନମନ୍ତ୍ରୀ କୁଟକ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଉକ୍ତ କାର୍ଯାକ୍ରମରେ କଂଗ୍ରେସର ବରିଷ୍ଠ ନେତା ତପନ ପ୍ରଧାନ, ସନ୍ତୋଷ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ରୂପାଦୀପ୍ତା ମହାପାତ୍ର, ଚିତ୍ତରଞ୍ଜନ ନାଏକ, ସୁଦୀପ ମିଶ୍ର, ନୀଳକଣ୍ଠ ନାଏକ, ସଞ୍ଜୀବ ମାଣ୍ଡେଠିଆ, ବିନୋଦ ମାଝୀ, କସିଦା ଖାନ, ମାନିନୀ ପ୍ରଧାନ, ନିରଞ୍ଜନ ଦାସ, ରଶ୍ମି ରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ସାହୁ, ରାକେଶ ମିଶ୍ର, ଲିଲି ବେହେରା, ଅରୁପ ସାମଲ, ଓଲ୍ଲି ଭାଇ, ଅରୁଣ ଦାସ ପ୍ରମୁଖ ଶତାଧିକ ନେତା ଯୋଗଦେଇଥିଲେ।

# ବିନା ସୂଚନାରେ ପଲ୍ଲିସଭାକୁ ନେଇ ଅସନ୍ତୋଷ

ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)

## ଜିଲାପାଳଙ୍କ ଠାରେ ଅଭିଯୋଗ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତର ଧୂଣ୍ଡି ଗ୍ରାମରେ ବିନା ସୂଚନାରେ ପଲ୍ଲୀସଭା ହୋଇଥିବା ଅଭିଯୋଗ ହୋଇଛି । ଏନେଇ ୱାର୍ଡମେମ୍ବର ଲିଙ୍ଗରାଜ ବିଶ୍ୱାଳ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନା କିପରି ଗ୍ରାମରେ କାର୍ଯ୍ୟକାରୀ ହେବ ସେନେଇ ପଲ୍ଲିସଭା ମାଧ୍ୟମରେ ପ୍ରସ୍ତାବ ଦିଆଯାଇଥାଏ । ହେଲେ ଗାଁବଇଣ୍ଡା ପଞ୍ଚାୟତର ଧୂଣ୍ଡି ଗ୍ରାମରେ ଗୁରୁବାର ପଲ୍ଲିସଭା କରାଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କୁ ଠିକ୍ ସୂଚନା ଦିଆଯାଇ ନାହିଁ । ବୁଧବାର ରାତିରେ ପଞ୍ଚାୟତର ଜଣେ କର୍ମଚାରୀ ରାତି ଅଧିଆ ନୋଟିସ୍ ମାରି ଗୁରୁବାର ଅପରାହ୍ନରେ ପଲ୍ଲିସଭା କରିଛନ୍ତି । ଏନେଇ ଗ୍ରାମର ୱାର୍ଡ ମେମ୍ବରଙ୍କୁ ମଧ୍ୟ ଅବଗତ କରାଯାଇ ନାହିଁ । ତରବରିଆ ଭାବେ ପଲ୍ଲିସଭା କରି ଅନେକ କାମକୁ ବାଟମାରଣା କରିବା ପାଇଁ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ କିଶୋରନଗର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଠାରେ ଲିଙ୍ଗରାଜ ଅଭିଯୋଗ କରିଛନ୍ତି । କିଶୋରନଗର ବିଡ଼ିଓ ସୁବ୍ରତ କୁମାର ବେହେରା କହିଛନ୍ତି ଘଟଣା ସମ୍ପର୍କରେ ତଦନ୍ତ କରାଯିବ।

# ସୁର୍–ତାଲ ସେବା ଓ ସାଂସ୍କୃତିକ ଉତ୍ସବ



ଅନୁଗୋଳ, ୨୦।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ସ୍ଥିତ ସଭାଘରରେ ସୂର୍–ତାଲ ସେବା ଓ ସାଂସ୍କୃତିକ ଅନୁଷ୍ଠାନର ୨୪ ତମ ସାଂସ୍କୃତିକ ଉତ୍ସବର ଦ୍ୱିତୀୟ ଦିନରେ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲା ଓକିଲ ସଂଘର ସଭାପତି ହିମାଂଶୁ ଶେଖର ସାମଲ, ଗୁରୁ ରିତେଶ କୁମାର ଓ ଗୁରୁ ରମେଶ ବାରିକଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଭିନ୍ନ ବିଭାଗର ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗର ଫଳାଫଳ ଆସନ୍ତା–୨୧ତାରିଖରେ ଘୋଷଣା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ସୁର୍–ତାଲର ବେଷ୍ଟ ଡ୍ୟାନ୍ସର ଓ ବେଷ୍ଟ ସିଙ୍ଗର୍ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ସୁର୍–ତାଲର ସଭାପତି ଅଜୟ କୁମାର ନାଥ ଓ ସମ୍ପାଦକ ସୁଜିତ କୁମାର ସାହୁ ଜଣାଇଛନ୍ତି।

# ହାତୀ ଆକ୍ରମଣରେ ଚାଷୀ ଗୁରୁତର

ଛେଣ୍ଡିପଦା,୨୦।୧୨(ଅଜିତ୍ ଧଳ)

ଅନୁଗୋଳ ଛେଣ୍ଡିପଦା ବନାଞ୍ଚଳ ସରପାଳ ଗାଁ ଦେଇ ଯାଇଥିବା ଆଉଁଳି ନଦୀ ନିକଟସ୍ଥ ଅମ୍ବତୋଟାଠାରେ ଶନିବାର ହାତୀ ଆକ୍ରମଣରେ ପାଟକୁମୁଣ୍ଡା ଗ୍ରାମର ଚାଷୀ ଡିଲେଶ୍ୱର ଦେହୁରୀ (୫୦) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସକାଳେ ଏକ ୨୨ଟିକିଆ ହାତୀ ପଲ ପାଟକମୁଣ୍ଡା ପଞ୍ଚାୟତର ଆମ୍ବପାଳ ଗ୍ରାମଦେଇ ଆଉଁଳି ନଦୀ କୂଳେକୂଳେ ଆସି ସରପାଳ ଗାଁ ନିକଟସ୍ଥ ଆମ୍ବତୋଟାରେ ପହଞ୍ଚିଥିଲେ । ସକାଳ ହୋଇଯିବାରୁ ୧୯ଟି ହାତୀ ପାଟକମୁଣ୍ଡା ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ୨ଟି ଦନ୍ତା ହାତୀ ଆମ୍ବତୋଟାରେ ରହି ଯାଇଥିଲେ । ହାତୀପଲ ପାଟକମୁଣ୍ଡା ପଞ୍ଚାୟତର ଟେବ୍ରୁଡ଼, ଆମ୍ବପାଳ, ଡାଙ୍ଗୁରୁମୁଣ୍ଡା, ପାଟକମୁଣ୍ଡା ଓ ଟାଙ୍ଗିରି ପଞ୍ଚାୟତର ସରପାଳ ଗାଁରେ ବ୍ୟାପକ ଧାନ ଫସଲ ଓ ପରିବାର ଚାଷ ନଷ୍ଟ କରିଦେଇଛନ୍ତି । ଡିଲେଶ୍ୱର ବିଲରୁ ଧାନ ଅମଳ କରି ଫେରୁଥିବାବେଳେ ସରପାଳ ଆମ୍ବତୋଟାରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ମୁମୂର୍ଷୁ ଅବସ୍ଥାରେ ପଡିଯାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହାତୀ ଆକ୍ରମଣ ଯୋଗୁ ଡିଲେଶ୍ୱରଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ଶରୀରରେ ଆଘାତ ଲାଗିଥିଲା। ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି ।

# ବସ୍ତି ଉଚ୍ଛେଦ ବନ୍ଦ ଦାବିରେ ୨୬ରେ ମ୍ୟୁନିସିପାଲିଟି ଅଫିସଆଗରେ ଗଣଧାରଣା



ଅନୁଗୋଳ,୨୦।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ମ୍ୟୁନିସିପାଲିଟିର ୮ ନଂ. ୱାର୍ଡର ଅଧିବାସୀ ତଥା ଅନୁଗୋଳ ବସ୍ତି ସୁରକ୍ଷା କମିଟି ତରଫରୁ ଅନୁଗୋଳ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ୨୬ ତାରିଖରେ ଗଣଧାରଣା ଅନୁଷ୍ଠିତ ହେବ। ପ୍ରକାଶଥାଉକି, ଅନୁଗୋଳ ମ୍ୟୁନିସିପାଲିଟି ଅନ୍ତର୍ଗତ ୮ ନଂ. ୱାର୍ଡର ଅଧିବାସୀମାନେ ଆଜକୁ ପ୍ରାୟ ୨୫୦ ବର୍ଷର ପୁରୁଣା ଅଧିବାସୀ ଭାବେ ରହିଆସୁଛନ୍ତି । ଦୀର୍ଘ ବର୍ଷ ହେଲାଣି ସେମାନେ ଘରଡିହ ପଟ୍ଟା ପାଇଁ ଦାବି କରିଆସୁଛନ୍ତି । ମାତ୍ର ସେମାନେ ହୋଲଡିଂ ଟ୍ୟାକ୍ସ, ଇଲେକ୍ଟ୍ରିକ ବିଲ, ପାଣି ବିଲ ଆଦି ଦେଇଆସୁଛନ୍ତି। ରାସନ କାର୍ଡ ଭାବେ ସମସ୍ତ ପ୍ରମାଣ ରହିଥିଲେ ମଧ୍ୟ ସେମାନଙ୍କର ଦାବିକୁ ଉପେକ୍ଷା କରି ମ୍ୟୁନିସିପାଲିଟି ଅଧିକାରୀ ବସ୍ତି ଉଚ୍ଛେଦର ନୋଟିସ ପଠାଇ ଶନିବାର ବସ୍ତି ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରି ବସ୍ତିର ଅଧିବାସୀମାନଙ୍କୁ ଭୟଭୀତ କରିଛନ୍ତି। ତୁରନ୍ତ ବସ୍ତି ଉଚ୍ଛେଦ ବନ୍ଦ କରିବା, ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରିବା, ଶୌଚାଳୟ ନିର୍ମାଣ କରିବା, ବସ୍ତିର ଉନ୍ନତିମୂଳକ କାମ କରିବା ଦାବିରେ ୨୬ ତାରିଖରେ ଗଣଧାରଣା ଦେବାକୁ ବସ୍ତି ସୁରକ୍ଷା କମିଟିର ଲକ୍ଷ୍ମୀ ଭୋଇ, ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଜଣାଇଛନ୍ତି।

# ଗ୍ଲାମର ଦୁନିଆରେ କୁନିଷ୍ଟାର ଆଇ ଜି. ଅଂଶୁମାଳା




ଅନୁଗୋଳ, ୨୦।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ନାଲକୋନଗରର ଗୋପାଳ କୃଷ୍ଣ ମଲ୍ଲିକ ଓ ଇତିଶ୍ରୀ ଦାସଙ୍କ ସାନଝିଅ ଆଇ.ଜି. ଅଂଶୁମାଳା । ମାତ୍ର ୧୨ ବର୍ଷ ବୟସରେ ଗ୍ଲାମର ଦୁନିଆରେ ନିଜକୁ ପରିଚିତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ଜିଲା ତଥା ଜିଲା ବାହାରେ ହେଉଥିବା ଫ୍ୟାସନ ସୋ' ପ୍ରତିଯୋଗିତାରେ କୃତିତ୍ୱଅର୍ଜନ କରି ନିଜର ପ୍ରତିଭା ବଳରେ ବିଚାରକ ମାନଙ୍କୁ ଆଶ୍ଚର୍ଯ୍ୟିତ କରିଛନ୍ତି । ଅନୁଗୋଳ ସହରସ୍ଥିତ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଏସ.ଫ୍ୟାସନ ଆଇକନ ତରଫରୁ ଆୟୋଜିତ ଗ୍ଲାମର ଅଫ ଓଡିଶା ସିଜିନ–୩ ହୋଇଥିବା ବେଳେ ମିସ ଜି.ବି.ଆଇ – ୨୦୨୪, ମିସ ଅନୁଗୋଳ ଗଟ ଟ୍ୟାଲେଣ୍ଟ ୨୦୨୪, ଉତ୍କଳ ଫ୍ୟାସନ ଆଇକନ– ମିସ ବ୍ୟୁଟିଫୁଲ ଆଏଜ ୨୦୨୫, ଫ୍ୟାସନ କ୍ରେଜି–୨୦୨୫ ମିସ ଓଡିଶା (ସବଜୁନିୟର) ଏହିଭଳି ବହୁ ଫ୍ୟାସନ ଶୋରେ ବିଜେତା ହୋଇଛନ୍ତି ଆଇ.ଜି. ଅଂଶୁମାଳା। ଏନେଇ ଏସ.ଫ୍ୟାସନ ଆଇକନର ପ୍ରତିଷ୍ଠାତା ମିଷ୍ଟର ସୌମ୍ୟରଞ୍ଜନ ରାଉତ କହିଛନ୍ତି, ଆଇ.ଜି. ଅଂଶୁମାଳା ଜଣେ ଭିନ୍ନ ପ୍ରକାରର ପ୍ରତିଭା ସମ୍ପନ୍ନ ଝିଅଟିଏ । ତାଙ୍କର କଠିନ ପରିଶ୍ରମ ଓ ଏକାଗ୍ରତା ସଫଳତାର କାରଣ ବୋଲି କହିଥିଲେ ।

# ତଦନ୍ତ ହେଉନି ସୋସାଇଟି ଦୁର୍ନୀତି, ବଢ଼ୁଛି ଅସନ୍ତୋଷ

## ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକଙ୍କ ଅଭିଯୋଗ

ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)




ଅନୁଗୋଳ ଜିଲା ଠାକୁରଗଡ ଥାନା ସାନହୁଲା ସୋସାଇଟିରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର ତଦନ୍ତ କରାଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନଠାରେ ଅଭିଯୋଗ ହେଲେ ମଧ୍ୟ ତଦନ୍ତ ହେଉ ନ ଥିବା ସୋସାଇଟି ନିର୍ଦ୍ଦେଶକ ବିଷ୍ଣୁ ଚରଣ ସାହୁ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ସୋସାଇଟି ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଚାଷୀ ଅଭିଯୋଗ କରିଛନ୍ତି । ସେମାନ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସାନହୁଲା ସୋସାଇଟରେ ବ୍ୟାପକ ଦୁର୍ନୀତି କରାଯାଉଛି । ଚାଷୀଙ୍କ ବୀମା ଟଙ୍କା ହଡ଼ପ କରାଯାଇ ଚାଷୀଙ୍କୁ ଶୋଷଣ କରାଯାଉଛି। ଏପରିକି ଜମି ନ ଥିବା ଲୋକଙ୍କ ନାମରେ ବହୁ ଲକ୍ଷ ଟଙ୍କା ଚାଷ ଋଣ ଉଠାଇ ହଡ଼ପ କରାଯାଉଛି। ଅଞ୍ଚଳରେ ମାତ୍ରାଧିକ ଧାନଚାଷୀ ଥିବାବେଳେ ଠିକ୍ ସମୟରେ ମଣ୍ଡୀ ଖୋଲାଯାଉ ନାହିଁ। ଚାଷୀମାନେ ବିଲରେ ଧାନ ଗଚ୍ଛିତ କରି ରଖିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଆଠମଲ୍ଲିକ ଉପ ଜିଲାପାଳ ଉପେନ୍ଦ୍ର ଲୁହା କହିଛନ୍ତି, ଘଟଣା ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଛି । ରିପୋର୍ଟ ଜିଲା ପ୍ରଶାସନକୁ ଦିଆଯିବ ।

# ପାଳଭାଡ଼ିରୁ ପଡ଼ି ଜଣେ ମୃତ

ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଖମାର ଗ୍ରାମର ଏକ ପାଳ ଭାଡିରୁ ଖସି ସୁଧୀର ମାଝୀଙ୍କର ଶନିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ସୁଧୀର ତାଙ୍କ ପାଳ ଭାଡ଼ିରେ ନଡା ସଜାଉ ଥିବାବେଳେ ଖସି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

# ଦେଶୀ ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୦।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ପୋଲିସ ଶୁକ୍ରବାର ଧଡ଼ରପାଳ ଗ୍ରାମରେ ଚଢାଉ କରି ପ୍ରଦୀପ ସେଠୀଙ୍କ ଘରୁ ୧୨ ଲିଟର ଚୋରା ଦେଶୀ ମଦ ଜବତ କରିଛି । ପୋଲିସ ଏନେଇ ୩୪୮/୨୫ରେ ଏକ ମାମଲା ରୁଜୁ କରିଛି ।

# ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ




ଅନୁଗୋଳ,୨୦।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବନରାଜିକ ମହାବିଦ୍ୟାଳୟ ଖେଳ ପଡ଼ିଆରେ ୩୧ଶ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର କିଭଳି ଭିତ୍ତିଭୂମିର ଦୃଢ଼ୀକରଣ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଡ଼ା ଗୌର ଗୋବିନ୍ଦ ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡା ସଂସଦ ଉପସଭାପତି ନେତ୍ରାନନ୍ଦ ମହାକୁଡ଼, ସହସମ୍ପାଦକ ପେସ୍କାର ଗଡ଼ନାୟକ, ସଦସ୍ୟ ରୁଚିର କୁମାର ଦାସ, ପ୍ରଭାସ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ବିଭିନ୍ନ ବର୍ଗରେ ୧୫୦ରୁ ଅଧିକ ଖେଳାଳି ଦୌଡ଼କୁଦ, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସକସ, ଦ୍ରୁତ ଚାଲି ଆଦିରେ ଭାଗ ନେଇଥିଲେ। ରବିବାର ପ୍ରତିଯୋଗିତା ଉଦଯାପିତ ହେବ।

# ଜିଲାସ୍ତରୀୟ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ

ଅନୁଗୋଳ ୨୦।୧୨(ମାନସ ବିଶ୍ୱାଳ )



ଅନୁଗୋଳ ସହର ସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଦୁଇ ଦିନିଆ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଲୋପମୁଦ୍ରା ପଟ୍ଟନାୟକ, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସାହୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ସାର୍ବଜନୀନ ଶିକ୍ଷଣ ଢାଞ୍ଚା (ୟୁଡିଏଲ)ର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥଲେ। ଏଥିସହିତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସହାୟକ ଉପକରଣଗୁଡିକର ଠିକ ବ୍ୟବହାର ଦ୍ୱାରା ସେମାନଙ୍କ ଅକ୍ଷମତା ଜନିତ ବୋଧଗମ୍ୟତା ବହୁମାତ୍ରାରେ ବୃଦ୍ଧି ଘଟିପାରିବ ବୋଲି ମତାମତ ରଖିଥିଲେ । ଉକ୍ତ କର୍ମଶାଳାରେ ଅନ୍ତର୍ନିବେଶୀ ଶିକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସବୁ ବର୍ଗର ଶିକ୍ଷାର୍ଥୀମାନଙ୍କୁ ସମାନ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ୮ ଟି ବ୍ଲକରୁ ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୋଷ୍ଠୀ ସାଧନ କର୍ମୀ ତାଲିମ ଗ୍ରହଣ କରିଛନ୍ତି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସାଧନକର୍ମୀ ଅଧ୍ୟାପିକା ଡକ୍ଟର ସ୍ୱର୍ଣ୍ଣଲତା ପଣ୍ଡା, ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ଲାଙ୍ଗିଜୋଡା, ତାଳଚେରର ଶିକ୍ଷକ ଯୁଧିଷ୍ଠିର ସାହୁ, ଅନୁଗୋଳ ବ୍ଲକର ଗୋଷ୍ଠୀ ସାଧନକର୍ମୀ ରଘୁନାଥ ବାରିକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଫୁଲପଡ଼ାର କଳା ଶିକ୍ଷକ ସରୋଜକାନ୍ତ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକୁ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବର ଉଦଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୨୦।୧୨(ରତନ ନାୟାର)

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନର ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ମୋ ଢେଙ୍କାନାଳ ମହୋତ୍ସବ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଉଦଘାଟିତ ହୋଇଯାଇଛି । ସକାଳ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ଆପାତକାଳୀନ ଅଧିକାରୀ ସୁଦୀପ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା, କଙ୍କଡାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକଚନ୍ଦ୍ର ସାହୁ, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଓ ନାଟ୍ୟକାର ଶତ୍ରୁଘନ ମାଟି ପ୍ରମୁଖ ଉପସ୍ଥିତ ରହିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ଓ ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଷ୍ଠାତା ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଅଭିନୟ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲାର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଦେବଜୀ ଫାଉଣ୍ଡେଶନର ବିଜୟ କୁମାର ମିଶ୍ର, ଅର୍ପିତା ମିଶ୍ର, ଲିଟୁ ଦେହୁରୀ, ଇନ୍ଦ୍ରଜିତ ସାହୁ, ପ୍ରତାପ ନାୟକ, ସୌଭାଗ୍ୟ ବରାଳ, କାହ୍ନଜି ମହାରଣା, ସତ୍ୟଜିତ ଦଳେଇ, ଅମିତ ବାରିକ, ଗାୟତ୍ରୀ ମିଶ୍ର, ଶୁଭସ୍ମିତା ନାୟକ, ଦୀପାଳି ରାଉଳ, ଅନୁପମ ସିଂ, ସମୀକ୍ଷା ସାହୁ, ଆକାଂକ୍ଷା ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜଶ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ଦୀପ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଢେଙ୍କାନାଳ,୨୦।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବାରଦାସ୍ଥିତ ମାତୃଭବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହେଉଥିବା ଦୁଇଦିନ ବ୍ୟାପି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି । ଶିକ୍ଷାନୁଷ୍ଠାନର ଉଭୟ ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମିଳିତ ଭାବେ ଆୟୋଜିତ ହୋଇଥିଲା । ଉଦଯାପନ ଉତ୍ସବରେ ମାତୃଭବନ ବାରଦାର ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତୋଳନ କରିଥିଲେ । ଉତ୍ସବରେ ପରିଚାଳନା କମିଟି ସଭାପତି ବିମଳ କୁମାର ପରିଡା, ସଭ୍ୟ ଶରତ କୁମାର ସାହୁ, ଶ୍ରୀଧର ସ୍ୱାଇଁ, ନରୋତମ ନାୟକ ଯୋଗ ଦେଇଥିଲେ । କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷକ ସୁଜାତା ଦାସ, ଅଧ୍ୟକ୍ଷ ଦିଲୀପ କୁମାର ମହାରଣା, ବରିଷ୍ଠ ଶିକ୍ଷକ ଚନ୍ଦ୍ରମଣୀ ବେହେରା, ଅରୁଣ ଓଝା, କଳ୍ପନା କୁମାରୀ ଆଚାର୍ଯ୍ୟ, ପୂର୍ବତନ ଶିକ୍ଷକ ଅଶୋକ କୁମାର ଦାସ, କ୍ରୀଡା ଶିକ୍ଷକ ବିଜୟ କୁମାର ନନ୍ଦ, ଅଫିସ ସହାୟକ ତିଳୋତମା କରଣ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲ । ଉଚ୍ଚ ବିଦ୍ୟାଳୟ ବାଳକ ବିଭାଗରେ ମହମ୍ମଦ ଆଦିଫ ଓ ବାଳିକା ବିଭାଗରେ ନନ୍ଦିନୀ ସାମାଡ, ମଧ୍ୟ ଇଂରାଜୀ ବାଳକ ବିଭାଗରେ ସତ୍ୟସାଇ ଭୋଇ ଓ ବାଳିକା ବିଭାଗରେ ପୂନ୍ୟପ୍ରଭା ହେମ୍ବ୍ରମ ଚାମ୍ପିୟନ ହୋଇଥିଲେ ।

# ମଇନା କିସ୍କୁ ଚାମ୍ପିୟନ

ଢେଙ୍କାନାଳ,୨୦।୧୨(ରତନ ନାୟାର)

## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଢେଙ୍କାନାଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡଃ ଶକୁନ୍ତଳା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରିଡା ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଭୁବନେଶ୍ୱର ମୁଦୁଲି, ଡ. ପଙ୍କଜ ବାରିକ ଓ ଉଦ୍ଧବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ କର୍ଣ୍ଣେଲ ଆର୍ କେ. ବଳ ଯୋଗଦେଇ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଛାତ୍ରୀଙ୍କୁ କହିବା ସହିତ ଶାରୀରିକ, ବୌଦ୍ଧିକ ତଥା ମାନସିକ ବିକାଶର ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏଥିରେ ୩ଶହରୁ ଉର୍ଦ୍ଧ୍ୱ ବାଳିକା ଭାଗ ନେଇଥିଲେ। ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ମଇନା କିସ୍କୁ ଚାମ୍ପିୟନ ହୋଇଥିଲେ ।




# ୧୨୯ କୃତୀ ଛାତ୍ରୀଛାତ୍ର ପୁରସ୍କୃତ


କ୍ରୀଡ଼ାଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନ, ୨୦।୧୨ (ବିପିନ ବିହାରୀ ସେଠୀ)

## ୪୩ ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଢେଙ୍କାନାଳ ଜିଲା ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ୪୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ଏନଏସି ଉପାଧ୍ୟକ୍ଷ ମାନିନୀ ସାହୁ ଉଦ୍‌ଘାଟନ କରିଥିବା ବେଳେ ବିଡିଓ ଆୟୁଷୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭୁବନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀ ଦେହୁରୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବାଜି ରାଉତ କଲେଜ ଅଧ୍ୟକ୍ଷ ଡଃ ପ୍ରଭାତ କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ, ଏବିଓ ସୁମତି ପ୍ରଧାନ, ଦୁଷ୍ମନ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶର ବେହେରା ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ଅମରେଶ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ,ସଂଗିତ ,ଏକାଙ୍କିକା ପ୍ରଦର୍ଶିତ ହୋଇଥିଲା । ଅପରାହ୍ନରେ ବାର୍ଷିକ ଉତ୍ସବ ଉଦଯାପିତ ହୋଇଥିଲା । ସେଥିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପରିବେଶ ଓ ସରକାରୀ ଅନୁଷ୍ଠାନରେ ଅଧ୍ୟୟନ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ। ଜାତୀୟ ବିଦ୍ୟାନିକେତନ ମହୁଲପାଳ ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଆଏଚ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ମୃଦଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ଦାସ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁର ସଭାପତି ଅମୁଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସେଠୀ ସଭାପତିତ୍ୱ କରିଥିଲେ । ସହକାରୀ ଶିକ୍ଷକ ଗୁରୁପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ୧୨୯ଜଣ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ରାଧାକୃଷ୍ଣଙ୍କ ଦାନବାକ୍ସ ସହ ଲକ୍ଷାଧିକ ଟଙ୍କାର ଗହଣା ଲୁଟ୍

କମାକ୍ଷାନଗର,୨୦।୧୨(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ଥିବା ରାଧାକୃଷ୍ଣ ମନ୍ଦିରରୁ ଫାଟକ ଭାଙ୍ଗି ଦାନବାକ୍ସ ସହ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ୩ ରୁ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ମନ୍ଦିରକୁ ପ୍ରବେଶ କରି ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ମନ୍ଦିର ସମ୍ମୁଖରେ ଥିବା ଦାନବାକ୍ସକୁ ଲୁଟି ନେବା ସହ କୃଷ୍ଣଙ୍କ ରୁପା ବଂଶୀ, ରାଧାଙ୍କ ସୁନା ଖଡୁ ଓ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଛନ୍ତି । ସକାଳୁ ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି କେତେକ ସିସିଟିଭି ଫୁଟେଜ୍‌କୁ ଯାଞ୍ଚକରି ତଦନ୍ତ ଆରମ୍ଭ କରିଛି । ଚୋରି କରୁଥିବା ଦୃଶ୍ୟ ସ୍ଥାନୀୟ କେତେଜଣ ଲୋକଙ୍କ ସିସିଟିଭିରେ କଏଦ ହୋଇଛି ।

# ଭୁବନେଶ୍ୱରକୁ ହରାଇ ପ୍ରୟାଗରାଜ ବିଜୟୀ



ଭୁବନ, ୨୦।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ହାଇସ୍କୁଲ ଖେଳପଡିଆଠାରେ ଶନିବାରଠାରୁ ଆରମ୍ଭ ହୋଇଛି ୩୪ତମ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ । ପ୍ରଥମ ମ୍ୟାଚ ଫିଡଚର କ୍ରିକେଟ କ୍ଲବ ,ଭୁବନେଶର୍ ସହିତ ପ୍ରୟାଗରାଜ କ୍ରିକେଟ କ୍ଲବ, ଉତ୍ତରପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ଓଭର ମ୍ୟାଚରେ ଭୁବନେଶ୍ୱର ୨୩.୦୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକାଶ ରାଉତ ସର୍ବାଧିକ ୩୦ ରନ ସଂଗ୍ରହ କରିଥିଲେ। ଜବାବରେ ଉତ୍ତରପ୍ରଦେଶ ୧୨.୦୩ ବ୍ୟାଟିଂ କରି ୬ଟି ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଆଶିଷ କୁମାର ୨୯ଟି ବଲ ସମ୍ମୁଖିନ ହୋଇ ସର୍ବାଧିକ ୬୦ରନ କରିଥିଲେ, ଯେଉଁଥିରେ ୬ ଟି ଚୌକ ଓ ୫ ଛକା ସାମିଲ ଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପ୍ରୟାଗରାଜ ଦଳର ଆଶିଷ ରତନ ବିବେଚିତ ହୋଇଥିଲେ । ଖେଳକୁ ଯଶିନ୍ଦର ସିଂ ଓ ଜ୍ୟୋତି ପ୍ରକାଶ ମଲ୍ଲିକ ପରିଚାଳନା କରିଥିଲେ। ସୂର୍ଯ୍ୟ ପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଘାଟନୀ ମ୍ୟାଚରେ ତାଳଚେର ପୋଲିସ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଦାୟିତ୍ୱରେ ଥିବା ଅଧ୍ୟକ୍ଷା ମାନିନୀ ସାହୁ ଓ ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଭୁବନ କ୍ରିକେଟ କ୍ଲବର ସଭାପତି ଅମିତାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ରାମେଶ୍ୱର ସ୍ପୋର୍ଟି, ଭୁବନେଶ୍ୱର ଓ ଫିଡଚର କ୍ରିକେଟ କ୍ଲବ, ଭୁବନେଶ୍ୱର ସହିତ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଧର୍ମପରାୟଣ ମହିଳାଙ୍କ ପରଲୋକ



ଭୁବନ,୨୦।୧୨(ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ଭୁବନ ଗଣେଶ ବଜାରର ବରିଷ୍ଠ ଜଙ୍ଗଲ ଅଧିକାରୀ ସ୍ୱର୍ଗତ ବସନ୍ତ କୁମାର ସାହୁଙ୍କ ସ୍ତ୍ରୀ ଶାନ୍ତିଲତା ସାହୁ ( ୬୫)ଙ୍କ ଶନିବାର ଅପରାହ୍ନରେ ଦେହାନ୍ତ ହୋଇଛି । ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମର ଶରୀରକୁ ନିଜ ବାସଭବନକୁ ଅଣାଯାଇଥିଲା । ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିବାବେଳେ ଅଞ୍ଚଳର ବୁଦ୍ଧିଜିବୀ ଓ ପୂର୍ବତନ ନଗରପାଳ ନରହରି ସାହୁ ଓ ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଶାନ୍ତିଲତା ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ମରଶରୀରକୁ ସହର ପରିକ୍ରମା ପରେ ସଂସ୍କାର କରାଯାଇଥିଲା ।

# ମୁନଲାଇଟ୍ କ୍ରିକେଟ ଉଦ୍‌ଘାଟିତ: ବଜରଙ୍ଗି ଲାୟନ ଦଳ ବିଜୟୀ

ଢେଙ୍କାନାଳ,୨୦।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଚାଉଳିଆ ଗ୍ରାମପଂଚାୟତର ଟଭାପାଳ ବେଣାପାଟିଆ ପଡିଆଠାରେ ମୁନଲାଇଟ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୭ତମ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଚାଉଳିଆ ପୂର୍ବର୍ତନ ସରପଂଚ ବିମ୍ବାଧର ରାଉତ ମୁଖ୍ୟ ଅତିଥି ଓ ପୂର୍ବତନ ସମିତି ସଭ୍ୟ ନକୁଳ ରାଉତ ଯୋଗଦେଇ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ବଜରଙ୍ଗି ଲାୟନ କ୍ରିକେଟ କ୍ଲବ ଦୁଦୁକାଟେଣୀ ଓ ଜୟଦୁର୍ଗା କ୍ରିକେଟ କ୍ଲବ ନେଉଳପୋଇ ମଧ୍ୟରେ ଅନୁଷ୍ଠିତ ହୋଇଛି । ବଜରଙ୍ଗି ଲାୟନ ଦଳ ବ୍ୟାଟି କରି ୫ ୱିକେଟ ବିନିମୟରେ ୧୭୬ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ଜୟଦୁର୍ଗା କ୍ରିକେଟ କ୍ଲବ ନେଉଳପୋଇ ୧୧୭ରନ କରି ସମସ୍ତ ୱିକେଟ ହରାଇ ପରିଜିତ ହୋଇଥିଲା । ଫଳରେ ବଜରଙ୍ଗି ଲାୟନ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା । ଜାହାଙ୍ଗିର ମହମ୍ମଦ ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିଲେ । ଅଜୟ ମହାଳିକ, ପରମାନନ୍ଦ ବେହେରା, ଅଭିମନ୍ୟୁ ଦାସ, ସର୍ବେଶ୍ୱର ମହାଳିକ, ଅଜୟ ବିଶ୍ୱାଳ ଓ ମୁନଲାଇଟ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ ବୋଲି ବିମ୍ବାଧର ରାଉତ ଜଣାଇଛନ୍ତି ।

# ଭିନ୍ନକ୍ଷମ ଖେଳକୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିବସ



ଭିନ୍ନକ୍ଷମ ଖେଳକୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଥିମାନେ।

ଢେଙ୍କାନାଳ,୨୦।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଜ୍ୟୋତିନଗରସ୍ଥିତ ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି । ଖେଳକୁଦ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ୩୦୦ ପ୍ରତିଯୋଗୀ ସାମିଲ୍ ହୋଇଥିଲେ । ଦ୍ୱିତୀୟ ଦିବସରେ ଏସ୍‌ଏସ୍‌ଇପିଡି ବିଭାଗ ଉପସଚିବ ବସନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡଃ. ସଜ୍ଜିତ୍ କୁମାର ମହାପାତ୍ର, ଇତିହାସ ବିଭାଗର ଅଧ୍ୟାପକ ଆଦିତ୍ୟ କୁମାର ସାହୁ, ବାଣିଜ୍ୟ ବିଭାଗର ଅଧ୍ୟାପକ ସୁମିତ୍ରା ବେହେରା ଓ ଉତ୍କଳ ଆଜବେଷ୍ଟସ୍ ଲିଃର ୱାର୍କସ୍ ମ୍ୟାନେଜର କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜୀବନଜ୍ୟୋତିର ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପରିଚାଳନା କରିଥିଲେ ।

# କଳିଙ୍ଗ ସମବାୟ ସୂତାକଳ ପୁନରୁଦ୍ଧାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ

ଢେଙ୍କାନାଳ,୨୦।୧୨(ରତନ ନାୟାର)


ବନ୍ଦ ହୋଇ ପଡିଥିବା ଗୋବିନ୍ଦପୁର କଳିଙ୍ଗ ସୂତାକଳ

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର ଠାରେ ବହୁବର୍ଷ ଧରି ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା କଳିଙ୍ଗ ସମବାୟ ସୂତାକଳ ସମେତ ରାଜ୍ୟର ୧୦ଟି ସମବାୟ ଭିତିକ ସୂତାକଳକୁ ପୁନଃରୁଦ୍ଧାର କରିବା ପାଇଁ ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜରିଆରେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ସାହାଙ୍କୁ ଅନୁରୋଧ କରିଛନ୍ତି । ସେ ୧୯ ତାରିଖ ଦିନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନୁଆଦିଲ୍ଲୀସ୍ଥିତ ସଂସଦ ଭବନ କାର୍ଯ୍ୟାଳୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ଅନୁରୋଧ କରିଥିଲେ । ଜାତୀୟ ସମବାୟ ଉନ୍ନୟନ ନିଗମର ଆର୍ଥିକ ସହାୟତାରେ କୃଷି ଭିତିକ ସମବାୟ ସୂତାକଳ ଗୁଡିକୁ ପୁନରୁଦ୍ଧାର କରିବା ପାଇଁ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ସାହାଙ୍କୁ ଅନୁରୋଧ ପାଇଁ ସେ ଜଣାଇଥିଲେ । ପ୍ରାୟ ୧୦୦ଏକ ସରକାରୀ ଜମିରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ଗୋବିନ୍ଦପୁର ଠାରେ କଳିଙ୍ଗ ସମବାୟ ସୂତାକଳ ପ୍ରତିଷ୍ଠା ହୋଇଥିଲା । ୧୯୯୯ ମସିହା ପର୍ଯ୍ୟନ୍ତ ଏହି ସୂତାକଳରୁ ଉନ୍ନତ ମାନର ସୂତା ଉତ୍ପାଦନ କରାଯାଇ ରାଜ୍ୟ ବାହାରକୁ ରପ୍ତାନି କରାଯାଉଥିଲା । ଏହି ଲାଭ ଜନକ ଶିଳ୍ପରେ ସ୍ଥାନିୟ ଅଂଚଳର ପ୍ରାୟ ୧୨୦୦ କାରୀଗରଙ୍କୁ ନିଯୁକ୍ତି ମିଳିଥିଲା । ୧୯୯୯ ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇ ସୂତାକଳଟି ବନ୍ଦ ହୋଇଯାଇଥିଲା । ପରବର୍ତି ସମୟରେ ୨୦୦୦ ମସିହାରେ ପୂର୍ବତନ ଗଁଦିଆ ବିଧାୟକ ନବୀନ ନନ୍ଦଙ୍କ ଉଦ୍ୟମରେ ଏହି ସୂତାକଳ ୨୦୦୧ ମସିହାରେ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇ ୧୯ମାସ ଚାଲିବା ପରେ ପୁରାତନ ଯନ୍ତ୍ରପାତି ମରାମତି ଅଭାବରୁ ସୂତା କଳଟି ପୁଣି ବନ୍ଦ ହୋଇଯାଇଥିଲା। ଫଳରେ ପ୍ରାୟ ୧୨୦୦ କର୍ମଚାରୀ ସେମାନଙ୍କର ଜୀବିକା ହରାଇଥିଲେ । ୨୦୦୩ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧କୋଟି ୨୧ଲକ୍ଷ ଟଙ୍କା ପୁରୁଣା ଯନ୍ତ୍ରପାତିର ମରାମତି ପାଇଁ ପ୍ରଦାନ କରାଯାଇଥିଲେ ମଧ୍ୟ ଏହି ଟଙ୍କା ୨୦୦୫ ମସିହାରେ ଫେରି ଯାଇଥିଲା । ପୂର୍ବ ବିଜେଡି ସରକାରଙ୍କ ଭୁଲ ନିଷ୍ପତି ପାଇଁ କଳିଙ୍ଗ ସୂତାକଳ ସମେତ ରାଜ୍ୟ ପ୍ରାୟ ୧୦ଟି ସମବାୟଭିତିକ ସୂତାକଳ ବନ୍ଦ ହୋଇଯାଇଥିଲା ବୋଲି ପୂର୍ବତନ ବିଧାୟକ ଦର୍ଶାଇଛନ୍ତି । ଏହି ସୂତାକଳର ରକ୍ଷଣାବେକ୍ଷଣ ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ବାର୍ଷିକ ଖର୍ଚ୍ଚ କରିଆସୁଥିଲେ ମଧ୍ୟ ଏହା ମଧ୍ୟରୁ ମୂଲ୍ୟବାନ ଯନ୍ତ୍ରାଂଶ ପ୍ରାୟ ଚୋରୀ ହୋଇସାରିଥିବା ଜଣାପଡିଛି । ରାଜ୍ୟରେ ସରକାର ପରିବର୍ତନ ହୋଇଥିବାରୁ ଏହି ସୂତାକୂଳକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନିୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏହି ସୂତାକଳ ପରିସରରେ ଏକ ବୟନଶିଳ୍ପ ପାର୍କ କରାଯିବାକୁ ପୂର୍ବତନ ବିଧାୟକ ନବୀନ ନନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତ ।

